ସମୟ SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ
28 Aug 2026 - Page 7

# ନୂଆପଡ଼ା ନ୍ୟାସନାଲ ମହାବିଦ୍ୟାଳୟରେ 'ଖେଲୋ ଇଣ୍ଡିଆ ସମ୍ବାଦ'



ନୂଆପଡ଼ା, (ସବ୍ୟୁ) : ନୂଆପଡ଼ା ନ୍ୟାସନାଲ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷ ପରିସରରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ 'ଖେଲୋ ଇଣ୍ଡିଆ ସମ୍ବାଦ' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭର୍ଚୁଆଲ ମାଧ୍ୟମରେ ଦେଶର ଯୁବଶକ୍ତିଙ୍କ ସହ ଯୋଡ଼ି ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରୀଡ଼ାର ବିକାଶ ଏବଂ ରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କ ଭୂମିକା ଉପରେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ହକିର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କୁ ସ୍ମରଣ କରାଯାଇଥିଲା। ଯୁବପିଢ଼ି କ୍ରୀଡ଼ା ପ୍ରତି ଆଗ୍ରହୀ ହେବା ସହ ନିଶାମୁକ୍ତ, ସୁସ୍ଥ ଓ ସଶକ୍ତ ଯୁବ ସମାଜ ଗଠନ ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଆଲୋଚନା ସମୟରେ ଅଲିମ୍ପିକ୍ସର ବିଭିନ୍ନ କ୍ରୀଡ଼ାରେ ଭାରତୀୟ ଖେଳାଳିଙ୍କ ଅଂଶଗ୍ରହଣ ଓ ପଦକ ସଂଖ୍ୟା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଆଗାମୀ ୨୦୩୬ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଏବେଠାରୁ ଯୁବ ଖେଳାଳିଙ୍କୁ ପ୍ରସ୍ତୁତ କରିବା, ଲୁକାୟିତ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରି ଉପଯୁକ୍ତ ତାଲିମ ଓ ସୁଯୋଗ ପ୍ରଦାନ କରିବା ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସରୋଜ କୁମାର ସାହୁ, କଲେଜ ଅଧ୍ୟକ୍ଷ ହିତେଶ କୁମାର ସାହୁ, ଜିଲ୍ଲା ଯୁବା ଅଧିକାରୀ ଅଙ୍କିତ ଶର୍ମା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼େଇ, ଜାତୀୟ କବାଡ଼ି ଖେଳାଳି ହରିଶ କୁମାର ଅହିର, ଜାତୀୟ ସେବା ଯୋଜନା ଅଧିକାରୀ ହେମାଲ୍ ସା ଏବଂ କ୍ରୀଡ଼ା ଅଧ୍ୟାପକ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବାକୁ ସୋସିଆଲ ମିଡିଆର ସହଯୋଗ। ଯୁବପିଢ଼ି ମଧ୍ୟରେ କ୍ରୀଡ଼ା, ଫିଟନେସ୍ ଓ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନତା ବଢ଼ାଇବା ଲକ୍ଷ୍ୟରେ ପ୍ରମୁଖ ସୋସିଆଲ ମିଡିଆ ଇନ୍ଫ୍ଲୁଏନ୍ସର କୌଶଳ ଚନ୍ଦ୍ରାକର, ଉର୍ବଶୀ ମାନଡେ, ରୋଶନୀ ଯାଦବ ଓ ଲୋକେଶ ସାହୁ ଯୋଗଦେଇ ନିଜ ଅନୁଭବ ଓ ବାର୍ତ୍ତା ରଖିଥିଲେ। ଏହି ଅବସରରେ କଲେଜ ଅଧ୍ୟାପକ କପିଲ୍ ଦେବ ପାଣିଗ୍ରାହୀ ଛାତ୍ରଛାତ୍ରୀ ଓ ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଜୀବନ ପାଇଁ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉତ୍ସାହର ସହ ସାମିଲ ହୋଇ 'ଖେଲୋ ଇଣ୍ଡିଆ'ର କ୍ରୀଡ଼ାମୁଖୀ ବାର୍ତ୍ତାକୁ ଆଗେଇ ନେବାର ସଂକଳ୍ପ ନେଇଥିଲେ ।